# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 01st November – 2025

*************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ପୂର୍ବୋଦୟର ପ୍ରବେଶ ପଥ ଭାବେ ବିକଶିତ ହେଉଛି; କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

— ଭୁବନେଶ୍ୱରରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଏବଂ ଏ.ଟି.ଏମ୍.ପି. କେନ୍ଦ୍ରର ଶିଳାନ୍ୟାସ ।

- ରାଜସ୍ୱ ସେବାରେ ବ୍ୟାପକ ସଂସ୍କାର ଆଣିବାପାଇଁ ସରକାରଙ୍କ ନିଷ୍ପତ୍ତି । ୪୪ଟି ଉପନିବନ୍ଧନ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ ।

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ପଞ୍ଚକ ନୀତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ।

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେଲା ଓଡ଼ିଶା-ଆନ୍ଧ୍ରପ୍ରଦେଶ ଏଲିଟ୍ ଗ୍ରୁପ୍ ରଣଜୀ ମ୍ୟାଚ୍ ।

Desk

# ବୈଷ୍ଣବ - ସେମିକଣ୍ଡକ୍ଟର

ଓଡ଼ିଶା ପୂର୍ବୋଦୟର ପ୍ରବେଶ ପଥ ଭାବେ ବିକଶିତ ହେଉଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲିରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣର ଭୂମିପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶୀ ବୈଷ୍ଣବ କହିଛନ୍ତି, ଓଡ଼ିଶାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ସାକର ହେଉଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଆଧାରିତ ଶିଳ୍ପ ଓ ଶିକ୍ଷାକୁ ସମନ୍ୱୟ କରି ଭୁବନେଶ୍ୱର ଆଇ.ଆଇ.ଟି.ରେ ନମୋ ସେମିକଣ୍ଡକ୍ଟର ଲାବୋରେଟୋରୀ ସ୍ଥାପନ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଯୁବବର୍ଗଙ୍କୁ ଏକ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ ଏବଂ ଗବେଷଣାପାଇଁ ସୁଯୋଗ ମିଳିବ ବୋଲି ସେ କହିଛନ୍ତି ।

***Voice (Baishnav) :.........***

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆତ୍ମନିର୍ଭର ଭାରତ ଗଠନ ଦିଗରେ ଏଭଳି ପଦକ୍ଷେପ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି । ରାଜ୍ୟର ପ୍ରଗତିଶୀଳ ନୀତି ଏବଂ ନବସୃଜନପାଇଁ ଅନୁକୂଳ ପରିବେଶର ଏହା ପ୍ରମାଣ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦେଶର ସର୍ବୋତ୍ତମ ନିବେଶ ଅନୁକୂଳ ରାଜ୍ୟ ଭାବେ

ଓଡ଼ିଶାକୁ ସ୍ଥାନିତ କରାଯାଇଥିବା ନେଇ ଶ୍ରୀ ମାଝୀ କହିଛନ୍ତି । ଆଗାମୀ ଦିନରେ ରାଜ୍ୟରେ ସେମିକଣ୍ଡକ୍ଟର ପ୍ରତିଷ୍ଠା ଦିଗରେ ଘରୋଇ କ୍ଷେତ୍ର ୩ ହଜାର କୋଟି ଟଙ୍କା ନିବେଶ କରିବ । ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଏକ କେନ୍ଦ୍ରସ୍ଥଳୀ ଭାବେ ପରିଣତ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

ପ୍ରାୟ ୨ ହଜାର କୋଟି ଟଙ୍କା ପୁଞ୍ଜିନିବେଶରେ ଏହି ଉତ୍ପାଦ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୧ ହଜାର ବୃତ୍ତିଗତ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଦିଗରେ ସେମିକଣ୍ଡକ୍ଟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବ ।

***Desk***

# ତହସିଲ୍ - ଜମି କିଣାବିକା

ରାଜ୍ୟରେ ରାଜସ୍ୱ ସେବାରେ ବ୍ୟାପକ ସଂସ୍କାର ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ ଆଜି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ରାଜ୍ୟର ୪୪ଟି ତହସିଲ୍‌ରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା

ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୨୫ ହଜାର ଲୋକଙ୍କୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦିଆଯାଇଛି । ୨୭ ଲକ୍ଷ ମୃତ ହିତାଧିକାରୀଙ୍କ ପଟ୍ଟା ପରିବର୍ତ୍ତନ କରାଯାଇଥିବା ନେଇ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ୧୩ଟି ଜିଲ୍ଲାର ୪୪ଟି ଉପନିବନ୍ଧନ କାର୍ଯ୍ୟାଳୟରେ ଏଣିକି ଜମି ପଞ୍ଜୀକରଣ କାର୍ଯ୍ୟ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

# ସୁଭଦ୍ରା ଶକ୍ତିମେଳା

ରାଜ୍ୟର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆଜିଠାରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାର ଉଦ୍‌ଘାଟନ କରିଛନ୍ତି । ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

***Desk***

# ସୁଭଦ୍ରା ଯୋଜନା ଆବେଦନ

ସୁଭଦ୍ରା ଯୋଜନାରେ ନୂଆ ହିତାଧିକାରୀମାନଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଆବେଦନ ଆରମ୍ଭ ହୋଇଛି। ନୂତନ ପଞ୍ଜୀକରଣ ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ

ସୁଭଦ୍ରା ପୋର୍ଟାଲ ଖୋଲା ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନାଦେୟରେ ସୁଭଦ୍ରା ଆବେଦନପତ୍ର ଆଜିଠାରୁ ଉପଲବ୍ଧ ହେଉଛି।

***HS***

## ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଏହି ଶୁଣାଣି ବନ୍ଦ ରଖାଯାଇଛି । ପରବର୍ତ୍ତୀ ଶୁଣାଣିର ତାରିଖ ଗଣମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Puri, Cuttack/R***

# ପଞ୍ଚକ

କାର୍ତ୍ତିକ ମାସ ଅବସରରେ ଆସନ୍ତାକାଲିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପଞ୍ଚକ ବ୍ରତ ପାଳନ କରାଯାଉଛି । ଚଳିତ ବର୍ଷ ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ୫ ଦିନ ପରିବର୍ତ୍ତେ ୪ ଦିନ ପାଳିତ ହେବ । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତାକାଲି ଠାକୁରଙ୍କର ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ କଟକ ଜିଲ୍ଲା ଶୈବପୀଠ ବାବା ଧବଳେଶ୍ୱର ପୀଠରେ ଆଜିଠାରେ ପଞ୍ଚକ ବ୍ରତ ଆରମ୍ଭ ହୋଇଛି । ଭୋର୍ ୩ଟାରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିଛନ୍ତି । ଆସନ୍ତା ସୋମବାର ପୀଠରେ ବଡ଼ଓଡ଼ା ପାଳନ କରାଯିବ ।

***IPR***

# ପ୍ରଦୂଷଣ କମିଟି ବୈଠକ

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କିତ ଷଷ୍ଠ ପରିଚାଳନା କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣପାଇଁ ଗ୍ରହଣ କରାଯାଇଥିବା

ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଛି । ଜାତୀୟ ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ସ୍ଥିତି ନେଇ ବୈଠକରେ ଆଲୋଚନା ହୋଇଛି । ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଏବଂ ଭୁବନେଶ୍ୱର ଆଦି ଶିଳ୍ପାଞ୍ଚଳ ସହରଗୁଡ଼ିକ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଅଛନ୍ତି । ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ରାଜ୍ୟର ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ନେଇ ବୈଠକରେ ମତ ବିନିମୟ ହୋଇଛି । ରାଜ୍ୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମକୁ ଗତ ଜୁନ୍ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିଚାଳନାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

*Rayagada, Malkangiri, Bhadrak, BBSR, Kendrapara, sonepur/R*

## ଦୁର୍ନୀତି ନିବାରଣ ସପ୍ତାହ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ରାୟଗଡ଼ା ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଯୋଗଦେଇ ଦୁର୍ନୀତି ନିବାରଣ ନେଇ ଜନସାଧାରଣଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ ।

ମାଲକାନଗିରି ଜିଲ୍ଲାରେ ମଧ୍ୟ ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମରେ ନାଗରିକ ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୁଳୋତ୍ପାଟନ ହେବା ସହ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

ଭଦ୍ରକରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି ।

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଏହି ସଚେତନତା କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଡକ୍ଟର ଲଳିତ ଦାସ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଶୀର୍ଷକ ଉପରେ ଆଲୋକପାତ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Gajapati/R***

# ପର୍ଯ୍ୟଟନ – କଟକଣା

ଗଜପତି ଜିଲ୍ଲାର ମୁଖ୍ୟ ପର୍ଯ୍ୟଟନ କ୍ଷେତ୍ର ଶୈବପୀଠ ମହେନ୍ଦ୍ରଗିରି ଏବଂ ଅନ୍ୟାନ୍ୟ ଜଳପ୍ରପାତ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଗସ୍ତନେଇ ରହିଥିବା କଟକଣାକୁ

ପ୍ରତ୍ୟାହାର କରାଯାଇଛି । ବାତ୍ୟା ମୋନ୍ଥା ଯୋଗୁଁ ସେହିସବୁ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଗସ୍ତ ଉପରେ କଟକଣା ଜାରି କରାଯାଇଥିଲା । ପରିସ୍ଥିତିରେ ସୁଧାର ଆସିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

*Nayagarh/R*

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨୨ଟି ପଞ୍ଚାୟତ ଏବଂ ଖଣ୍ଡପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ୩୦୭ ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗ ଦେଇଥିଲେ । ସେମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ଶିବିରରୁ ଜଣାପଡ଼ିଛି ।

*Nayagarh/R*

## କମ୍ପ୍ୟୁଟର ଶିକ୍ଷା

ନୟାଗଡ଼ ଜିଲ୍ଲାର ୨୨୫ଟି ଉଚ୍ଚ ବିଦ୍ୟାଳୟ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ କିମ୍ବା

ଦୁଇଜଣ ଶିକ୍ଷକଙ୍କ ତାଲିମ ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରଓ୍ୱାଲ୍ ନୂଆଗାଁ ବ୍ଲକ୍ ମହୀପୁର ଉଚ୍ଚ ବିଦ୍ୟାଳୟ ଓ ଚାହାଳୀ ଜନଶକ୍ତି ଉଚ୍ଚ ବିଦ୍ୟାଳୟରେ ଡିଜିଟାଲ୍ ଶିକ୍ଷା ପ୍ରସାର - ଦୀପା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଦୀପା କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି ।

***Boudh/R***

# ମତ୍ସ୍ୟଚାଷ ତାଲିମ ଶିବିର

ବୌଦ୍ଧ ଜିଲ୍ଲା ମର୍ଜାଦୂର ଗ୍ରାମରେ ମତ୍ସ୍ୟପାଳନ ସମ୍ପର୍କିତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ମନ୍ତ୍ରଣାଳୟ ସହାୟତାରେ ଗନ୍ଧରାଡ଼ି ଏଫ୍.ପି.ଓ. ସହଯୋଗରେ ଆୟୋଜିତ ଏହି ତାଲିମ ଶିବିରରେ ମଧୁର ଜଳରେ ମତ୍ସ୍ୟଚାଷର ବ୍ୟାପକ ସମ୍ଭାବନା ନେଇ ଆଲୋଚନା ହୋଇଛି । ସରକାରଙ୍କ ଏକ୍ଷେତ୍ରରେ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଶିବିରାର୍ଥୀଙ୍କୁ ସଚେତନ କରାଯାଇଛି । ମତ୍ସ୍ୟଚାଷ ଆଧାରିତ ବିଭିନ୍ନ ଯୋଜନା ସମ୍ପର୍କରେ ଏକ ତଥ୍ୟଭିତ୍ତିକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

*Cuttack/R*

# ରଣଜୀ ଟ୍ରଫି

କଟକ ବାରବାଟୀ ଷ୍ଟାଡିୟମରେ ଓଡିଶା-ଆନ୍ଧ୍ରପ୍ରଦେଶ ଏଲିଟ୍ ଗ୍ରୁପ୍-ଏ' ରଣଜୀ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି । ଆନ୍ଧ୍ରପ୍ରଦେଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଆନ୍ଧ୍ରପ୍ରଦେଶ ୬୮ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୨୨୨ ରନ୍ ସଂଗ୍ରହ କରିଛି । ଆନ୍ଧ୍ରପ୍ରଦେଶ ପକ୍ଷରୁ କେ.ଏସ୍. ଭାରତ ସର୍ବାଧିକ ୯୩ ରନ୍ ଏବଂ ଅଭିଷେକ ରେଡ୍ଡୀ ୭୬ ରନ୍ କରି ସଂଗ୍ରହ କରିଛନ୍ତି । ଓଡ଼ିଶା ପକ୍ଷରୁ ସମ୍ବିତ ଏସ୍. ବରାଳ ୨ଟି ଓ ବାଦଲ ବିଶ୍ୱାଳ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି ।

*Desk*

# ଐତିହାସିକ ବାଲିଯାତ୍ରା ଗୀତ

କଟକ ଐତିହାସିକ ବାଲିଯାତ୍ରାକୁ ଆଉ ଚାରି ଦିନ ବାକି ଥିବାବେଳେ ଏହାର ମୁଖ୍ୟ ଗୀତ "ଆମ ଐତିହାସିକ ବାଲିଯାତ୍ରା" ପ୍ରସ୍ତୁତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଶାର ପୁରାତନ ନୌବାଣିଜ୍ୟ ଐତିହ୍ୟ ଓ ସାଂସ୍କୃତିକ ମହିମାକୁ ନୂଆ ଦୃଷ୍ଟିକୋଣରେ ପରିଚିତି ଦେବା ଲାଗି ଏହି ଗୀତ ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ବାଲିଯାତ୍ରା ଆସନ୍ତା ବୁଧବାରଠାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

******